ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

News ID-IPR/AgFE(Od)/209/15-02-2024

# ମତ୍ସ୍ୟ-ପ୍ରାଣୀ ସମାବେଶ ଓଡ଼ିଶା-୨୦୨୪ ଉପଲକ୍ଷେ
# ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା

ଭୁବନେଶ୍ୱର, ଫେବୃଆରୀ ୧୫, ୨୦୨୪

ମତ୍ସ୍ୟ ଓ ପ୍ରାଣିସଂପଦ ବିକାଶ ବିଭାଗ ଦ୍ୱାରା ରାଜ୍ୟରେ ପ୍ରଥମ ଥର ଆୟୋଜିତ ହେଉଛି ମତ୍ସ୍ୟ-ପ୍ରାଣୀ ସମାବେଶ ଓଡ଼ିଶା-୨୦୨୪ । ଏହି ଉପଲକ୍ଷେ ଆଜି ଜନତା ମଇଦାନଠାରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ନିର୍ମିତ ବାଲୁକା କଳା ଆଜି ମତ୍ସ୍ୟ ଓ ପ୍ରାଣିସଂପଦ ବିକାଶ ବିଭାଗର ପ୍ରମୁଖ ସଚିବ ସୁରେଶ କୁମାର ବଶିଷ୍ଠଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି । ସମାବେଶର ଥିମ୍ 'କଲେ ମତ୍ସ୍ୟ-ପ୍ରାଣୀ ପାଳନ, ଆୟ ହୋଇବ ବହୁଗୁଣ'କୁ ନେଇ ଶ୍ରୀ ପଟ୍ଟନାୟକ ଚମତ୍କାର ଶୈଳୀରେ ଏହି ବାଲୁକା କଳାର ପ୍ରଦର୍ଶନ କରିଛନ୍ତି । ଏଥିରେ ସମାବେଶର ଲୋଗୋ ଓ ମାସ୍କଟ 'ମାନି'କୁ ସ୍ଥାନିତ କରାଯାଇ ଗୋଟିଏ ପାର୍ଶ୍ୱରେ ମତ୍ସ୍ୟ ଓ ଗୋଟିଏ ପାର୍ଶ୍ୱରେ ପ୍ରାଣିସଂପଦର ଚିତ୍ର ଦର୍ଶକଙ୍କୁ ଆକୃଷ୍ଟ କଲାପରି ଶୈଳୀରେ ପ୍ରଦର୍ଶିତ କରାଯାଇଛି ।

ସାଣ୍ଡଆର୍ଟଟି ଏକ ପ୍ରାକୃତିକ ଢଙ୍ଗରେ ସମାବେଶ ପଡ଼ିଆରେ ଗୋଟିଏ ପାର୍ଶ୍ୱରେ ସ୍ଥାନିତ ହୋଇଥିବାରୁ ଆସନ୍ତାକାଲିଠାରୁ ଆରମ୍ଭ ହେଉଥିବା ସମାବେଶରେ ଏହା ଏକ ପ୍ରମୁଖ ପ୍ରଦର୍ଶନସ୍ଥଳ ପାଲଟିବ । ପ୍ରାଣିସଂପଦ ଓ ମତ୍ସ୍ୟଚାଷର ଯୁଗଳବନ୍ଦୀକୁ ନେଇ ନିର୍ମିତ ଏହି କଳା ସୁନ୍ଦର ଢଙ୍ଗରେ ସଜ୍ଜିତ କରାଯାଇଛି ।

ଏହା ସହ ହରିଆଣାର ବଫାଲୋ ବୁଲ୍ 'ଯୁବରାଜ୍' ସମାବେଶରେ ଦର୍ଶକମାନଙ୍କୁ ବାନ୍ଧି ରଖିବ ।

ତାପସ କୁମାର ସାହା
ସୂଚନା ଅଧିକାରୀ